# ଭାରତୀୟ ଜନତା ପାର୍ଟି, ଓଡିଶା

୧୯ ବର୍ଷ ବିଜେଡି ଶାସନରେ ବ୍ୟାପକ ପିସି କାରବାର, ଦୁର୍ନୀତି, ଭ୍ରଷ୍ଟାଚାର ଓ ତୋଷାରପାତ ବିରୋଧରେ

## ରାଜ୍ୟର ୧୫୦ରୁ ଉର୍ଦ୍ଧ୍ୱ ବ୍ଲକ ଆଗରେ ବିକ୍ଷୋଭ

- ନୂଆପଡା ବ୍ଲକରେ ବିଜେପି ସଭାପତି ବସନ୍ତ ପଣ୍ଡା, ଖପରାଖୋଲ ବ୍ଲକରେ ବିଧାୟକ ଦଳ ନେତା କେ.ଭି ସିଂହଦେଓ, ବାଙ୍ଗୀ ବକ୍ଲରେ ରାଜ୍ୟ ସଂପାଦିକା ଲେଖାଶ୍ରୀ ସାମନ୍ତ ସିଂହାର ଦ୍ୱାରା ବିକ୍ଷୋଭ ପ୍ରଦର୍ଶନ
- ଖୋଦ୍ ଶାସକ ଦଳର ନେତା ଓ ମନ୍ତ୍ରୀମାନେ ସମସ୍ତ ଦୁର୍ନୀତି କାର୍ଯ୍ୟରେ ଲିପ୍ତ ଥିବାର ପ୍ରମାଣ ମିଳିଛି
- ବିଜୁ ପକ୍କା ଘର ହେଉ ଅବା ରାସନ ରାର୍ଡ ବଂଟନରେ ବ୍ୟାପକ ଦୁର୍ନୀତି ପରିଲିକ୍ଷିତ

**ଭୁବନେଶ୍ୱର, ତା.୩୦/୧୦:** ୧୯ ବର୍ଷ ବିଜେଡି ଶାସନରେ ବ୍ୟାପକ ପିସି କାରବାର, ଦୁର୍ନୀତି, ଭ୍ରଷ୍ଟାଚାର ଓ ତୋଷାରପାତ ବିରୋଧରେ ଆଜି ଶେଷ ଦିନରେ ରାଜ୍ୟର ୧୫୦ରୁ ଉର୍ଦ୍ଧ୍ୱ ବ୍ଲକ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ଚିଟ୍ ଫଣ୍ଡ, ମହାଦୁର୍ନୀତି, ଖଣି, ଡାଲି, ଚାରା, ବାଲିଘାଟ ଆଦି ବିଭିନ୍ନ ପ୍ରସଙ୍ଗକୁ ଉଠାଇ ବିଜେପି କାର୍ଯ୍ୟକର୍ତାମାନେ ଏହି ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ରାଜ୍ୟରେ ଦିନକୁ ଦିନ ଦୁର୍ନୀତି ଓ ଭ୍ରଷ୍ଟାଚାର ବୃଦ୍ଧି ପାଇବାକୁ ଲାଗିଛି । ଖୋଦ୍ ଶାସକ ଦଳର ନେତା ଓ ମନ୍ତ୍ରୀମାନେ ସମସ୍ତ ଦୁର୍ନୀତି କାର୍ଯ୍ୟରେ ଲିପ୍ତ ଥିବାର ପ୍ରମାଣ ମିଳିଛି । ବିଜୁ ପକ୍କା ଘର ହେଉ ଅବା ରାସନ ରାର୍ଡ ବଂଟନରେ ବ୍ୟାପକ ଦୁର୍ନୀତି ପରିଲିକ୍ଷିତ ହୋଇଛି ବୋଲି ରାଜ୍ୟ ମୁଖପାତ୍ର ଶ୍ରୀ ଗୋଲକ ମହାପାତ୍ର କହିଛନ୍ତି ।

ଶାସକ ବିଜେଡି କୃଷିରଣରେ ଜାଲିଆତି, ନକଲି କୀଟ ନାଶକ ବିହନ ବଂଟନ, ଧାନ କିଣାରେ ଚଂଚକତା କରି ସହାୟକ ମୂଲ୍ୟ ନଦେବା, ଇନପୁଟ ସବସିଡ୍ର ବାଟମାରଣା କରି କୋଟି କୋଟି ଟଙ୍କା ହଡପ କରିଚାଲିଛି । ବିଜେଡିର ମନ୍ତ୍ରୀ, ସାଂସଦ, ବିଧାୟକ ଓ ନେତା ମାନେ ଓଡିଶାବାସୀଙ୍କ ଝାଳବୁଆ ଅର୍ଥର ଟିକସକୁ ବାଟମାରଣା କରୁଛନ୍ତି । ବିନା ଅର୍ଥରେ ରାଜ୍ୟ ସରକାରଙ୍କ କୌଣସି ଯୋଜନା ଲାଭାର୍ଥୀମାନଙ୍କ ପାଖରେ ପହଂଚି ପାରୁନାହିଁ ବୋଲି ଶ୍ରୀ ମହାପାତ୍ର କହିଛନ୍ତି ।

ଆଜି ପାଇକମାଳ, ବିଜେପୁର, ବରଗଡ, ଅତାବିରା, ପାଟଣା, ଆନନ୍ଦପୁର, ବାରିପଦା, ଜଳେଶ୍ୱର, ଭୋଗରାଇ, ସୋର, ଦେଓଗାଁ, ଟିଟିଲାଗଡ, ସିନାପାଲି, ଜି. ଉଦୟଗିରି, ବୌଦ୍ଧ, କଟକ ସଦର, କୁଜଙ୍ଗ, ତିର୍ତୋଲ, ଗୁମା, ଚିକିଟି, କୋରାପୁଟ, ପଟାଙ୍ଗି, ଶିମିଳିଗୁଡା, ମାଲକାନଗିରି,ଡେଲାଙ୍ଗ, ଜଟଣୀ ବ୍ଲକ ସମେତ ୧୫୦ରୁ ଉର୍ଦ୍ଧ୍ୱ ବ୍ଲକ ସମ୍ମୁଖରେ ହଜାର ହଜାର ବିଜେପି କର୍ମୀ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ନୂଆପଡା ବ୍ଲକରେ ବିଜେପି ସଭାପତି ବସନ୍ତ ପଣ୍ଡା, ଖପରାଖୋଲ ବ୍ଲକରେ ବିଧାୟକ ଦଳ ନେତା କେ.ଭି ସିଂହଦେଓ, ବାଙ୍ଗୀ ବକ୍ଲରେ ରାଜ୍ୟ ସଂପାଦିକା ଲେଖାଶ୍ରୀ ସାମନ୍ତ ସିଂହାର ଦ୍ୱାରା ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ସେହିପରି ବିଜେପି ନେତା ରୁଦ୍ର ପାଣି, ସୁରମା ପାଢୀ, କାଳନ୍ଦୀ ସାମଲ, ମୋହନ ମାଝୀ, ସୁରଥ ବିଶ୍ୱାଳ, ବିଭୂତି ଜେନା, କରେନ୍ଦ୍ର ମାଝୀ, ସୁଜାତା ମୁର୍ମୁ, ଅନନ୍ତ ନାୟକ, ରାଜକିଶୋର ସାହୁ, ରଂଜନ ପଟେଲ, ଅଶ୍ୱିନୀ ଷଡଙ୍ଗୀ, ମୁକ୍ତା ସାହୁ, ବିକାଶ ନାୟକ, ସୁବାଷ ପାଣିଗ୍ରାହୀ, ବିନୋଦ ଦାସ, ଶିବାଜୀ ମହାନ୍ତି, ଶୋଭନା ମହାନ୍ତି, ମହେଶ୍ୱର ସାହୁ, ପଦ୍ମଲୋଚନ ପଣ୍ଡାଙ୍କ ସମେତ ଶତାଧିକ ସଂଖ୍ୟାରେ ସ୍ଥାନୀୟ ନେତା ଏବଂ କାର୍ଯ୍ୟକର୍ତା ନିଜ ନିଜ ବ୍ଲକରେ ବିକ୍ଷୋଭ କରିଥିଲେ । ଶାସକ ବିଜେଡିର ମହାଦୁର୍ନୀତି ବିରୁଦ୍ଧରେ ଜନମତ ସୃଷ୍ଟି ହୋଇ ସାରିଛି ଏବଂ ଆଗାମୀ ଦିନରେ ଓଡିଶାବାସୀ ଅନ୍ୟାୟ ଓ ଭ୍ରଷ୍ଟାଚାର ବିରୁଦ୍ଧରେ ଉଚିତ୍ ଜବାବ ଦେବେ ବୋଲି ଶ୍ରୀ ମହାପାତ୍ର କହିଛନ୍ତି ।

**(ବିଜେପି ମିଡିଆ ସେଲ୍)**